# ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ,ପୁରୀଙ୍କ କାର୍ଯ୍ୟାଳୟ

**ପତ୍ର ସଂଖ୍ୟା.** ୨୪୩୫ **/କୃଷି/ ତାରିଖ.** ୨୯.୭.୨୫

## ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉ ଅଛି କି ପିପିଲି ଓ ସାକ୍ଷୀଗୋପାଳ କୃଷି ଫାର୍ମର ୧୩.୧୬ କ୍ୱିଂଟାଲ ମୁଗ (ରବି ୨୦୨୩-୨୪) ଏବଂ ଓଳାଂଶ ସରକାରୀ କୃଷି ଫାର୍ମର ନିମ୍ନ ମାନର ୧୨୪ କ୍ୱିଂଟାଲ ପୂଜା ଧାନ ବିହନ (ଖରିଫ୍ ୨୦୨୪) ସର୍ବସାଧାରଣରେ ନିଲାମ କରାଯିବାକୁ ସ୍ଥିରକରାଯାଇଅଛି । ନିଲାମ ଧରିବା ପାଇଁ ଧାନର ସର୍ବନିମ୍ନ ମୂଲ୍ୟ କ୍ୱିଂଟାଲପିଛା ଟ.୨୩୦୦/- ମାତ୍ର (HDPE ବସ୍ତା ସହିତ) ଓ ମୁଗର ସର୍ବନିମ୍ନ ମୂଲ୍ୟ କ୍ୱିଂଟାଲପିଛା ଟ.୮୫୫୮/- ମାତ୍ର (HDPE ବସ୍ତା ସହିତ) ଧାର୍ଯ୍ୟ କରାଯାଇଅଛି । ଇଚ୍ଛୁକ ବ୍ୟକ୍ତିମାନେ ତା.୦୪.୦୮.୨୦୨୫ ରିଖ ସୁଦ୍ଧା ଯେକୌଣସି ସରକାରୀ କାର୍ଯ୍ୟଦିବସରେ ଓଳାଂଶ କୃଷି ଫାର୍ମକୁ ଯାଇ ମୁଗ ଓ ଧାନର ମାନ ନିରୀକ୍ଷଣ କରିପାରିବେ । ଏହି ନିଲାମକାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଇଚ୍ଛୁକ ଜନସାଧାରଣ ସେମାନଙ୍କ ନିଲାମ ମୂଲ୍ୟ ଏକ ସାଧାକାଗଜରେ ଲେଖି ଅମାନତ ବାବଦକୁ ଟ.୫୦୦୦/- ର (Chief District Agriculture Officer, Puri, Payable at Puri ନାମରେ) ଏକ ବ୍ୟାଙ୍କ ଡ୍ରାଫ୍ଟ ସହିତ ଜଉମୁଦା ଲଫାପାରେ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.୦୪.୦୮.୨୦୨୫ ରିଖ ଅପରାହ୍ନ ୦୨.୦୦ ଘଟିକା ସୁଧା ଦାଖଲକରିବେ । ଉକ୍ତ ଦିନ ଅପରାହ୍ନ ୦୪.୦୦ ଘଟିକା ସମୟରେ ଏକ କମିଟି ମାଧ୍ୟମରେ ଲଫାପା ଖୋଲାଯାଇ ସବୁଠାରୁ ଅଧିକ ମୂଲ୍ୟ ଦେଇଥିବା ବ୍ୟକ୍ତିଙ୍କୁ ଉକ୍ତ ନିଲାମ ପ୍ରଦାନ କରାଯିବ । ନିଲାମ ନେବାପାଇଁ ବିବେଚିତ ହୋଇ ସଂପୂର୍ଣ୍ଣ ଅର୍ଥ ୩ଦିନ ମଧ୍ୟରେ ଜମା ନକଲେ, ଅମାନତ ମୂଲ୍ୟ ବାଜ୍ୟାପ୍ତି ହେବ ଏବଂ ଏହି ନିଲାମକୁ ବାତିଲ କରାଯାଇ ନୂତନ ନିଲାମ ନୋଟିସ ପ୍ରକାଶ କରାଯିବ । ପ୍ରକାଶଥାଉକି ନିଜର ଅଧିକାର ବଳରେ ଉକ୍ତ ନିଲାମକୁ ଯେକୌଣସି ମୂହୂର୍ତ୍ତରେ କାରଣ ନ ଦର୍ଶାଇ ବାତିଲ କରିପାରିବେ ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ**

ଉପପତ୍ର ସଂଖ୍ୟା ୨୪୩୬ /କୃଷି/ତାରିଖ ୨୯.୭.୨୫

ଏହାର ଏକକିତା ନକଲ ଏହି ଦପ୍ତରର ନୋଟିସ୍ ବୋର୍ଡରେ ଜନସାଧାରଣଙ୍କ ଗୋଚରାର୍ଥେ ଲଗାଗଲା ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ**

ଉପପତ୍ର ସଂଖ୍ୟା ୨୪୩୭ /କୃଷି/ତାରିଖ ୨୯.୭.୨୫

ଏହାର ଏକକିତା ନକଲ ଏହି ଦପ୍ତରର ମୁଖ୍ୟ କିରାଣୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଯଥା ନିଲାମ ବାକ୍ସଦ୍ୱାରା ଜଉମୁଦ ଲଫାପା ଗ୍ରହଣ କରିବା ନିମନ୍ତେ ପଠାଗଲା ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ**

ଉପପତ୍ର ସଂଖ୍ୟା ୨୪୩୮ /କୃଷି/ତାରିଖ ୨୮.୭.୨୪

ଏହାର ଏକକିତା ନକଲ କୃଷି ଓଭରସିୟର, ପିପିଲି ଫାର୍ମ / ସାକ୍ଷିଗୋପାଳ ଫାର୍ମ ଓ ଓଲାଂଶ ଫାର୍ମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ନୋଟିସକୁ ଫାର୍ମ ନୋଟିସ ବୋର୍ଡରେ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଲଗାଇବାକୁ ଅନୁରୋଧ କରାଗଲା ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ**

ଉପପତ୍ର ସଂଖ୍ୟା ୨୪୩୯ /କୃଷି/ତାରିଖ ୨୮.୭.୨୪

ଏହାର ଏକକିତା ନକଲ ଜିଲ୍ଲାପାଳ, ପୁରୀ / ଉପ ଜିଲ୍ଲାପାଳ, ପୁରୀ / କୃଷି ଜିଲ୍ଲା ଅଧିକାରୀ, ପୁରୀ, ସାକ୍ଷିଗୋପାଳ, ନିମାପଡା / ତହସିଲଦାର, ନିମାପଡା, ସତ୍ୟବାଦୀ, ପିପିଲି / ବ୍ଲକଉନ୍ନୟନ ଅଧିକାରୀ, ନିମାପଡା, ସତ୍ୟବାଦୀ, ପିପିଲିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ନୋଟିସକୁ ତାଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଲଗାଇବାକୁ ଅନୁରୋଧ କରାଗଲା ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ**

ଉପପତ୍ର ସଂଖ୍ୟା ୨୪୪୦ /କୃଷି/ତାରିଖ ୨୮.୭.୨୪

ଏହାର ଏକକିତା ନକଲ ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ / District e.Governance Manager, Puri / ଉପ ନିବନ୍ଧକ ସମବାୟ ସମିତି ସମୂହ, ପୁରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ନୋଟିସକୁ ତାଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଲଗାଇବାକୁ ଅନୁରୋଧ କରାଗଲା ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ**

ଉପପତ୍ର ସଂଖ୍ୟା ୨୪୪୧ /କୃଷି/ତାରିଖ ୨୮.୭.୨୪

ଏହାର ଏକକିତା ନକଲ ଯୁଗ୍ମ କୃଷି ନିର୍ଦ୍ଦେଶକ (ଫାର୍ମ ଏବଂ ବିହନ), ଓଡିଶା, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ**